# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 July – 2026

*********************************

## ମୁଖ୍ୟ ସମ୍ବାଦ

- ଆରମ୍ଭ ହେଲା ସଂସଦର ମୌସୁମୀ ଅଧିବେଶନ

– ଅଧିବେଶନ ସଫଳ ହେବା ନେଇ ଆଶାବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ

- ପବିତ୍ର ହେରାପଞ୍ଚମୀ ତିଥିରେ ଆଜି ପୁରୀରେ ଅନୁଷ୍ଠିତ ହେଉଛି ଶ୍ରୀଜୀଉଙ୍କ ବିଶେଷ ନୀତିକାନ୍ତି

- ମାଲକାନଗିରି ବିମାନବନ୍ଦରର ଟ୍ରାଏଲ ରନ୍ ପୂର୍ବରୁ ସୁରକ୍ଷା ସ୍ଥିତି ଅନୁଧ୍ୟାନ କଲେ ଦୁଇଜଣିଆ ଦଳ

ଏବଂ

- ସ୍ନାତକ ଶ୍ରେଣୀରେ ନାମଲେଖା ପାଇଁ ଆଜି ପ୍ରକାଶ ପାଇଲା ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା

# ସଂସଦ ମୌସୁମୀ ଅଧିବେଶନ

ସଂସଦର ମୌସୁମୀ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି। ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୌସୁମୀ ଅଧିବେଶନ ସଫଳ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଦେଶର ପ୍ରତିଛବିକୁ ବିଶ୍ୱ ଗ୍ରହଣ କରିଛି ଏବଂ ଏହାକୁ ବିଶ୍ୱସ୍ତରୀୟ ସ୍ୱୀକୃତି ମିଳୁଛି। ଦେଶର ଯୁବପିଢ଼ିର କ୍ଷମତା ଏବଂ ଆଶା ମହାକାଶ ଭଳି ଅସୀମ। ମାତ୍ର ଏକ ମାସ ମଧ୍ୟରେ ଦେଶ ଅନେକ ସଫଳତା ହାସଲ କରିଛି। ଯାହା ପ୍ରତ୍ୟେକ ନାଗରିକଙ୍କୁ ଗୌରବାନ୍ୱିତ କରିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଜାତୀୟ ସ୍ତରରେ ହେଉ କିମ୍ବା ଆନ୍ତର୍ଜାତିକ ସ୍ତରରେ ଏବଂ ମହାକାଶ କ୍ଷେତ୍ରରେ ମଧ୍ୟ ଭାରତ ପାଇଁ ବାସ୍ତବତାରେ ଗୌରବର ମୁହୂର୍ତ୍ତ ସୃଷ୍ଟି ହୋଇଛି। ଗତବର୍ଷ ମୌସୁମୀ ଅଧିବେଶନ ପୂର୍ବରୁ ଭାରତ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ପହଁଞ୍ଚିବାରେ ସଫଳ ହୋଇଥିଲା ଏବଂ କିଛି ଦିନ ପୂର୍ବରୁ ଜଣେ ଯୁବ ଭାରତୀୟ ଷ୍ଟାର୍ଟଅପ୍ ଐତିହାସିକ ସଫଳତା ହାସଲ କରିଛନ୍ତି। ଭାରତର ଯୁବପିଢ଼ି ମହାକାଶରେ ଏକ ନୂଆଯାତ୍ରାର ଶୁଭାରମ୍ଭ କରିଛନ୍ତି।

**- V/O -**

ପ୍ରଧାନମନ୍ତ୍ରୀ କହିଛନ୍ତି, ପଶ୍ଚିମ ଏସିଆରେ ଜାରି ରହିଥିବା ସଂଘର୍ଷ ଯୋଗୁଁ ଭାରତ ଏହାର ଶକ୍ତି ଆବଶ୍ୟକତା ପୂରଣ ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରିବା ନେଇ ସମସ୍ୟା ସୃଷ୍ଟି ହୋଇଛି। ପେଟ୍ରୋଲ, ଡିଜେଲ, ଏଲ୍‌ପିଜି, ସାର ଏବଂ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟକୁ ନେଇ ପ୍ରତିବନ୍ଧକ ମଧ୍ୟ ସୃଷ୍ଟି ହୋଇଛି। ଏହା ସତ୍ତ୍ୱେ ଭାରତର ଅଭିବୃଦ୍ଧି ହାର ୭ ଦଶମିକ ୭ ପ୍ରତିଶତ ରହିଛି ଏବଂ ଭାରତ ଆଜି ବିଶ୍ୱରେ ଦ୍ରୁତଗତିରେ ବିକାଶ ସହ ପ୍ରମୁଖ ଅର୍ଥବ୍ୟବସ୍ଥା ଭାବେ ଉଭା ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

ମୌସୁମୀ ଅଧିବେଶନ କାଳରେ ବିଭିନ୍ନ ବିଲ୍ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଆୟକର ସଂଶୋଧନ ବିଲ୍ ୨୦୨୬, ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ସଂଶୋଧିତ ବିଲ୍, ଜନ୍ମ ଓ ମୃତ୍ୟୁ ନିବନ୍ଧନ ସଂଶୋଧିତ ବିଲ୍, ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଲ୍ ଓ ଏଫ୍.ସି.ଆର.ଏ ଏବଂ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ଉପରେ ଆଲୋଚନା ହେବା ନେଇ ସରକାରଙ୍କ ପକ୍ଷରୁ ଜଣାପଡିଛି। ଅଧିବେଶନ ଅଗଷ୍ଟ ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

Desk

## ରଥଯାତ୍ରା– ସୁରକ୍ଷା

ରଥଯାତ୍ରା ସମୟରେ ପୁରୀ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପୋଲିସର ସର୍ବୋଚ୍ଚ ପ୍ରାଥମିକତା ବୋଲି ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ

କହିଛନ୍ତି। ଚଳିତ ରଥଯାତ୍ରା ସମୟରେ ଗତ ୪ ଚାରିଦିନ ମଧ୍ୟରେ ପୁରୀ ପୁଲିସ ଓ ଆଣ୍ଟି ସ୍ନାଚିଂ ଟିମ୍ ପକ୍ଷରୁ ୧୪୩ ଜଣଙ୍କୁ ମୋବାଇଲ, ପର୍ସ, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟ୍ ଅଭିଯୋଗରେ ଗିରଫ କରାଯାଇଥିବା ସୂଚନା ମିଳିଛି। ଶ୍ରୀ ସିଂହ କହିଛନ୍ତି, ଲୁଟେରାମାନଙ୍କଠାରୁ ୨୫୦ରୁ ଅଧିକ ମୋବାଇଲ ଫୋନ୍ ଜବତ କରାଯାଇଛି। ଚଳିତ ବର୍ଷ ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ପର୍ଯ୍ୟଟକମାନଙ୍କ ସୁରକ୍ଷିତ ଦର୍ଶନକୁ ପ୍ରାଥମିକତା ଦିଆଯାଇଥିବା ବେଳେ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ସାଧା ପୋଷାକଧାରୀ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଅନ୍ୟପକ୍ଷରେ ସିସିଟିଭି ମାଧ୍ୟମରେ ନିରୀକ୍ଷଣ କରାଯାଇ ବିଭିନ୍ନ ସ୍ଥାନରେ ଲୁଟ୍ କରୁଥିବା ଅପରାଧିଙ୍କୁ ଗିରଫ କରାଯାଉଥିବା ଏସ୍.ପି. ଶ୍ରୀ ସିଂହ କହିଛନ୍ତି। ରଥଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ ବୋଲି ସେ କହିଛନ୍ତି।

Nabarangpur

## ଦୁର୍ଗା ମେଢ଼ ଅନୁଦାନ

ନବରଙ୍ଗପୁର ଜିଲ୍ଲାର ୧୦ଟି ପାରମ୍ପରିକ ଦୁର୍ଗା ମେଢ଼ ପାଇଁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ୧୧ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ପାରମ୍ପରିକ ଦଶହରା ମେଢ଼ର ସଂରକ୍ଷଣ ଓ ପ୍ରୋତ୍ସାହନ ଲାଗି ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଉଥିବା ଜଣାପଡ଼ିଛି। ନିୟମ ଅନୁଯାୟୀ, ୧୦୦ ବର୍ଷରୁ ଅଧିକ ପୁରୁଣା ମେଢ଼କୁ ୧ ଲକ୍ଷ ୧ ହଜାର ଟଙ୍କା, ୭୦ ବର୍ଷରୁ

ଅଧିକ ମେଡ଼କୁ ୭୦ ହଜାର ଟଙ୍କା ଏବଂ ୫୦ ବର୍ଷରୁ ଅଧିକ ମେଢ଼କୁ ୫୦ ହଜାର ଟଙ୍କା ଲେଖାଏଁ ଅନୁଦାନ ପ୍ରଦାନ କରାଯିବ।

Malkangiri

## ବିମାନ ବନ୍ଦର ଟ୍ରାଏଲ ରନ୍

ମାଲକାନଗିରି ବିମାନ ବନ୍ଦରରେ ଆସନ୍ତା ୨୨ ତାରିଖରେ ଟ୍ରାଏଲ ରନ୍ ହେବାକୁ ଥିବା ବେଳେ ଆଜି ବିମାନ ବନ୍ଦରର ସୁରକ୍ଷାସ୍ଥିତି ଯାଞ୍ଚ କରାଯାଇଛି। ରାଜ୍ୟ ବେସାମରିକ ବିମାନ ଚଳାଚଳ ସୁରକ୍ଷା ଯାଞ୍ଚ ଦଳର ସହକାରୀ ନିର୍ଦ୍ଦେଶକ ନିରଜ କୁମାର ନାୟକ ଏବଂ ସୁରକ୍ଷା ସହକାରୀ ନିର୍ଦ୍ଦେଶକ ମନୋଜ କୁମାର ଦାସ ସମ୍ପୃକ୍ତ ବିମାନ ବନ୍ଦରର ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉଭୟ ଅଧିକାରୀ ବିମାନ ବନ୍ଦର ଭିତ୍ତିଭୂମି, ଟର୍ମିନାଲ, ରନ୍ ୱେ, ଟିକେଟ୍ କାଉଣ୍ଟର ଏବଂ ଯାତ୍ରୀଙ୍କ ପ୍ରବେଶ ଓ ପ୍ରସ୍ଥାନ ପଥ ଯାଞ୍ଚ କରିଛନ୍ତି। ଆଜି ମାଲକାନଜିରି ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଅଗ୍ନିଶମ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଏହି ଦୁଇଜଣିଆ ଟିମ୍ ବିସ୍ତୃତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

Desk

## ଗୋପାଳପୁର ବେଳାଭୂମି

ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମି ଓ ସମୁଦ୍ରକୂଳକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଲାଗି ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିଲାଗି ସଂଶୋଧିତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଏବଂ ବ୍ୟୟଅଟକଳ ଦାଖଲ କରିବାକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ

ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗୋପାଳପୁର ସମୁଦ୍ରକୂଳରେ ଦ୍ୱିତୀୟ ପର୍ଯ୍ୟାୟ ବିକାଶ ପାଇଁ ପ୍ରସ୍ତାବିତ ଜମି ଅଧିଗ୍ରହଣ ବାବଦ ବ୍ୟୟ ଅଟକଳ ଦାଖଲ କରିବା ତଥା ନକ୍ସାରେ ଆବଶ୍ୟକ ସଂଶୋଧନ କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସଂଶୋଧିତ ରିପୋର୍ଟ ଦାଖଲ ହେବା ପରେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଜଣାପଡ଼ିଛି।

Desk

## ସ୍ନାତକ ନାମଲେଖା

ରାଜ୍ୟରେ ଥିବା ସ୍ନାତକ ମହାବିଦ୍ୟାଳୟଗୁଡ଼ିକରେ ନାମଲେଖା ଲାଗି ଆଜି ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ମୋଟ୍ ୧ ହଜାର ୫୫ଟି ସ୍ନାତକ ମହାବିଦ୍ୟାଳୟରେ କଳା, ବିଜ୍ଞାନ, ବାଣିଜ୍ୟ, ସେଲ୍ଫ ଫାଇନାନସିଂ ଏବଂ ସଂସ୍କୃତ ପାଠ୍ୟକ୍ରମରେ ୨ ଲକ୍ଷ ୮୭ ହଜାର ୫୧୯ଟି ଆସନ ରହିଛି । ପ୍ରଥମ ପର୍ଯ୍ୟାୟରେ ୮୪ ହଜାର ୩୮୪ଟି ଆସନରେ ନାମଲେଖା ଶେଷ ହୋଇଛି। ମେଧା ତାଲିକା ପ୍ରକାଶ ପରେ ଆସନ୍ତାକାଲିଠାରୁ ଗୁରୁବାର ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ। ଆସନ୍ତା ୨୯ ତାରିଖରେ ତୃତୀୟ ତଥା ଚୂଡ଼ାନ୍ତ ମେଧାତାଲିକା ପ୍ରକାଶ ପାଇବ।

Ganjam

## ଏସ୍.ଆଇ.ଆର୍

ଗଞ୍ଜାମ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜାରି ରହିଥିବାରୁ ସମସ୍ତ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣିକୁ ସ୍ଥଗିତ

ରଖାଯାଇଛି। ଜିଲ୍ଲାପାଳଙ୍କ ପକ୍ଷରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ନ କରିବା ଲାଗି ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

Bhadrak

## ଆଇନ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ବ୍ଲକ ନାଆଁମୀ ମହାବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଓ ଶିକ୍ଷାବିତ୍‌ମାନେ ଯୋଗଦେଇ ପୋକ୍ସୋ, ଘରୋଇ ହିଂସା ଓ ସାମାଜିକ ମୌଳିକ ଅଧିକାର ଆଇନ ସମ୍ପର୍କରେ ଆଲୋଚନା କରିଛନ୍ତି।

Rayagada

## ଅଭିଯୋଗ ଶୁଣାଣି

ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁଡ଼ାରୀ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଦ୍‌ଭାବନା ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣିରେ ୪୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା।

Rayagada

## କ୍ୟାଚ୍ ଦ ରେନ୍

ରାୟଗଡ଼ା ପୌରପରିଷଦ ପକ୍ଷରୁ ଜଳ ସଂରକ୍ଷଣ ଓ ବର୍ଷା ଜଳ ସଞ୍ଚୟର ଗୁରୁତ୍ୱ ସମ୍ପର୍କରେ ସହରବାସୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ 'କ୍ୟାଚ୍ ଦ ରେନ୍' ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ସହରର ପ୍ରମୁଖ ସ୍ଥାନଗୁଡ଼ିକରେ ବର୍ଷା ଜଳ ସଞ୍ଚୟ ଏବଂ ସଂରକ୍ଷଣ ସମ୍ପର୍କିତ ହୋର୍ଡିଂ ଓ ବ୍ୟାନର ସ୍ଥାପନ କରାଯାଇଥିବା ବେଳେ ଏହି ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରିବା ଲାଗି ପୌରପରିଷଦ ଅଧ୍ୟକ୍ଷ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

MET

# ପାଣିପାଗ

ଓଡ଼ିଶାର ଉତ୍ତରଭାଗ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଚଳିତ ସପ୍ତାହରେ ପୁଣି ଥରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ। ପାଣିପାଗ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଢେଙ୍କାନାଳରେ ସର୍ବାଧିକ ୧୧୯ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ ହୋଇଛି।

Desk

# ଇଣ୍ଟରନ୍ୟାସନାଲ ଚେସ୍ ଡେ

କ୍ରୀଡ଼ା, ମାନସିକ ଶକ୍ତି ଓ କଳାର ଉପାଦାନ ମିଶ୍ରିତ ପ୍ରାଚୀନ ସାଂସ୍କୃତିକ ଚେସ୍ ଖେଳକୁ ଅଧିକ ଲୋକପ୍ରିୟ କରିବା ପାଇଁ ଆଜି ଆନ୍ତର୍ଜାତିକ ଚେସ୍ ଦିବସ ପାଳନ କରାଯାଉଛି । ବିଶ୍ୱ ଚେସ୍ ସମୁଦାୟ ତରଫରୁ ୧୯୨୪ ମସିହାରେ ପ୍ରତିଷ୍ଠା କରାଯାଇଥିବା ଫାଇଡ୍‌ର ସ୍ମରଣ ଉଦ୍ଦେଶ୍ୟରେ ଏହି ଦିବସକୁ ପାଳନ କରାଯାଇଥାଏ । ୨୦୧୯ ମସିହାରେ ଜାତିସଂଘ ମହାସଭା ଦ୍ୱାରା ଏହି ଦିବସ ପାଳନକୁ ସ୍ୱୀକୃତି ମିଳିଥିଲା । ପୃଥିବୀରେ ପ୍ରାୟ ୧୯୦ଟି ଦେଶରେ ସାଢ଼େ ୭ କୋଟି ସ୍ୱୀକୃତିପ୍ରାପ୍ତ ଚେସ୍ ଖେଳାଳି ଅଛନ୍ତି । ଚଳିତବର୍ଷର ଆନ୍ତର୍ଜାତିକ ଚେସ୍ ଦିବସ ୨୦୨୬ର ବାର୍ତ୍ତା ରହିଛି "ଉତ୍ସବ ପାଳନ କରନ୍ତୁ, ସୃଷ୍ଟି କରନ୍ତୁ ଏବଂ ପରିବର୍ତ୍ତନ ଆଣନ୍ତୁ" । ପ୍ରାୟ ୧୫୦୦ ବର୍ଷର ଏହି ଖେଳ ଭାରତରେ ଚତୁରଙ୍ଗ ନାମରେ ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ କରାଯାଏ । ବିଶ୍ୱନାଥନ ଆନନ୍ଦନଙ୍କ ଠାରୁ ଆରମ୍ଭ କରି ନୂତନ ପୀଢ଼ିର ବର୍ତ୍ତମାନର ଖେଳାଳିଙ୍କ ପର୍ଯ୍ୟନ୍ତ ଚେସ୍ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଏବଂ ଗୌରବ ଆଣିବାରେ ସହାୟକ ହୋଇପାରିଛି ।